## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ଭଦ୍ରକ(ସନାତନ ରାଉତ)/ନଳାଙ୍ଗ, ୧।୧ (ସାଇ ଶଙ୍କର ମହାକୁଳ)

୧୬ ନଂ. ଜାତୀୟ ରାଜପଥର ଧାମନଗର ଥାନା ବିଷ୍ଣୁପୁର ଛକଠାରେ ବୁଧବାର ଅପରାହ୍ନରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାରିକପୁର ରାଜେନ୍ଦ୍ରପୁର ଗ୍ରାମର ଜୟନ୍ତ କୁମାର ଦାସ(୩୦)। ସୂଚନା ଅନୁଯାୟୀ, ଜୟନ୍ତ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଉକ୍ତ ଛକରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଧକ୍କା ଦେଇଥିବା ଟ୍ରକ୍‌ଟି ଫେରାର ହୋଇଯାଇଥିଲା। କିଛି ବାଟ ଗଲା ପରେ ଟ୍ରକ୍‌କୁ ସ୍ଥାନୀୟ ଲୋକେ ଅଟକାଇବା ସହ ମୃତଦେହ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜାତୀୟ ରାଜପଥ ଜାମ ରହିବାରୁ ଶହ ଶହ ସଂଖ୍ୟାର ଗାଡ଼ି ଅଟକି ରହିଥିଲା। ଖବର ପାଇ ଧାମନଗର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ କାର ଚାଳକ ଗୁରୁତର

**ଦୁର୍ଘଟଣାରେ ୨ ଆହତ**

ବାସୁଦେବପୁର,୧।୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର- ଇଚ୍ଛାପୁର ରାସ୍ତାର ସୁକଦେବପୁର ଛକଠାରେ ବୁଧବାର ସନ୍ଧ୍ୟାରେ ଏକ କାର୍ ଧକ୍କାରେ ୨ ଜଣ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ କାର୍ ଚାଳକ ଅରଣ୍ଡୁଆ ଗ୍ରାମର ଜିତେନ୍ଦ୍ର ନାୟକ(୩୦)ଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ କାର୍‌କୁ ଭାଙ୍ଗି ଦେଇଛନ୍ତି। ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଛି। କାର୍ ଧକ୍କାରେ ଆହତ ହୋଇଥିବା ସାବରପୁର ଗ୍ରାମର ସରପଞ୍ଚ ଅଲିଶାହା(୪୨) ଓ ସୁକଦେବପୁର ଗ୍ରାମର ସେକ୍ କାଲାମତୁଲା(୫୦)ଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଭଦ୍ରକ ପଠାଯାଇଛି। ସେହିପରି ଲୋକଙ୍କ ଆକ୍ରମଣର ଶିକାର ହୋଇଥିବା ଅରଣ୍ଡୁଆ ସରପଞ୍ଚଙ୍କ ପୁଅ ଜିତେନ୍ଦ୍ରଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ପଠାଯାଇଛି। ଭାଙ୍ଗିଥିବା କାର୍‌କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି। କାର୍ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ସାଧାରଣ ଲୋକେ ନାପସନ୍ଦ କରିଛନ୍ତି। ଜିତେନ୍ଦ୍ର ନିଜର କାର୍ ଯୋଗେ ଅରଣ୍ଡୁଆ ଗ୍ରାମ ସ୍ଥିତ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ହୋଇଥିଲା।

# ଆଖଣ୍ଡଳମଣିଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ପୀଠରେ ଭିଡ଼ ଜମାଇ ଥିବା ଶ୍ରଦ୍ଧାଳୁ।

ଧୂଷୁରୀ,୧।୧(ଦୀପ୍ତି ରଞ୍ଜନ ନାୟକ)

ନୂଆବର୍ଷ ଉପଲକ୍ଷେ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡିସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଭୋର ୪.୩୦ରେ ବାବାଙ୍କ ମନ୍ଦିର ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି କରା ଯାଇଥିଲା। ପରେ ପାଳିଆ ସେବାୟତଙ୍କ ଦ୍ୱାରା ବାଲ୍ୟଭୋଗ ସହ ଘର୍ଷଣ ଲାଗି କରା ଯାଇଥିଲା। ଭକ୍ତମାନେ ଲମ୍ବା ଲାଇନରେ ଆସି ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଚଳିତ ବର୍ଷ ଜିଲା ପ୍ରଶାସନ ପକ୍ଷରୁ ନୂଆ ପଦ୍ଧତିରେ ବ୍ୟାରିକେଟ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ଅପରାହ୍ନ ପର୍ଯ୍ୟନ୍ତ ପ୍ରଭୁଙ୍କୁ ଦର୍ଶନ କରିବାକୁ ଭିଡ ଲଗାଇ ଥିଲେ। ଭିଡକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୀଠରେ ୩ ପ୍ଲାଟୁନ ପୋଲିସ ମୁତୟନ କରା ଯାଇଥିଲା। ଭଦ୍ରକ ଜିଲାପାଳ ଦିଲୀପ କୁମାର ରାଉତରାଏ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ଚାନ୍ଦବାଲି ତହସିଲଦାର ଭବତୋଷ ମଲିକ, ଆରଡି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ ପ୍ରମୁଖ ପୀଠରେ ଉପସ୍ଥିତ ରହି ପରିସ୍ଥିତି ଉପରେ ଧ୍ୟାନ ରଖିଥିଲେ। ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ, ଧୂଷୁରୀ ଥାନାଧିକାରୀ ଶାନ୍ତନୁ ଜେନା, ଆରଡି ଫାଣ୍ଡି ଅଧିକାରୀ ରଞ୍ଜନ ମହାନ୍ତି ପ୍ରମୁଖ ଭିଡ ନିୟନ୍ତ୍ରଣ ପାଇଁ ସଜାଗ ଥିଲେ। ପୀଠରେ ସୁରୁଖୁରୁରେ ଭକ୍ତମାନେ ଦିଅଁ ଦର୍ଶନ କରିଥିବାରୁ ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟୀ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କାର୍ଯ୍ୟକରିବ ଯାଦବ ମହାସଭା



ଯାଦବ ମହାସଭା ବନ୍ଧୁ ମିଳନ।

ତିହିଡି,୧।୧ (ସଞ୍ଜିତ ବଳ)

ନିଖିଳ ଉତ୍କଳ ଯାଦବ ମହାସଭା, ତିହିଡି ଶାଖା ପକ୍ଷରୁ ବନ୍ଧୁ ମିଳନ ଓ ନୂତନ କର୍ମକର୍ତ୍ତା ମନୋନୟନ ବୁଧବାର ହୋଇଯାଇଛି। ବାରସର ପଞ୍ଚାୟତ ତିଆଡ଼ିସାହି ବାତ୍ୟା ଆଶ୍ରୟସ୍ଥଳରେ ଶିକ୍ଷାବିତ୍ ରାମଚନ୍ଦ୍ର ବାରିକଙ୍କ ପୌରୋହିତ୍ୟ ଓ ତିହିଡି ଶାଖାର ସଭାପତି ନୃସିଂହ ମହାକୁଡ଼ଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାସୁଦେବପୁର ଶାଖା ସମ୍ପାଦକ ଭାଗୀରଥି ପଲାଇ ଯୋଗଦେଇ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯାଦବ ମହାସଭା କାର୍ଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥିଭାବେ ଘଣ୍ଟେଶ୍ୱର ଶାଖା ସଭାପତି ଅତୁ୍ୟଲ୍ୟ ପରିଡ଼ା, ବାସୁଦେବପୁର ଶାଖା ସଭାପତି ଆଇନ୍‌ଜୀବୀ ନାରାୟଣ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ଗୟାଧର ବାରିକ, ନାରାୟଣ ଚନ୍ଦ୍ର ପୃଷ୍ଟି, କାହ୍ନୁଚରଣ ମହାକୁଡ଼, ନାରାୟଣ ବାରିକ, ବାବାଜୀ ମହାକୁଡ଼, ହରିଶ୍ଚନ୍ଦ୍ର ବାରିକ, ଗଙ୍ଗାଧର ପରିହାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବ୍ଲକ୍ ଶାଖା କମିଟିର ସଭାପତି ରୂପେ ନୃସିଂହ ମହାକୁଡ଼, ସମ୍ପାଦକଭାବେ ରବିନ୍ଦ୍ର ଦାସଙ୍କ ସମେତ କର୍ମକର୍ତ୍ତା ମନୋନୀତ କରାଯାଇଥିଲା।

# ବାଲେଶ୍ୱରକୁ ହରାଇ ଚରମ୍ପା ଚାମ୍ପିୟନ





ବିଧାୟକ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଭଦ୍ରକ,୧।୧ (ସନାତନ ରାଉତ)

## ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଭଦ୍ରକ ଜିଲା ଚରମ୍ପା ଯୁବକ ସଂଘ ପକ୍ଷରୁ ଚରମ୍ପା ହାଇସ୍କୁଲ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଚରମ୍ପା ଏକାଡେମୀ ୧୫୯ ରନ୍‌ରେ ୟୁ ଆଣ୍ଡ ମି ବାଲେଶ୍ୱରକୁ ହରାଇ ଚାମ୍ପିୟନ ହୋଇଛି। ୟୁ ଆଣ୍ଡ ମି ବାଲେଶ୍ୱର ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ଚରମ୍ପା ଏକାଡେମୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୩୨୯ ରନ୍ କରି ଶେଷ ବଲ୍‌ରେ ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ସତ୍ୟରଞ୍ଜନ ସାମଲ ୩୧ ବଲ୍‌ରେ ୬୮ ରନ୍ ସଂଗ୍ରହ କରିଥିଲେ। ୟୁ ଆଣ୍ଡ ମି ବାଲେଶ୍ୱର ବିଜୟ ଲକ୍ଷ୍ୟର ପିଛା କରି ମାତ୍ର ୧୭୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଚରମ୍ପା ପକ୍ଷରୁ ନିହାର ଭୂୟାଁ ୪ ଓଭରରେ ୧୮ ରନ୍ ଦେଇ ୪ଟି ଉଇକେଟ୍ ଅକ୍ତିଆର କରିଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ଚରମ୍ପା ଏକାଡେମୀର ବିଭାସ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ, ବେଷ୍ଟ ବୋଲର ଭାବେ ୟୁଆଣ୍ଡମିର ସୁମନ ଓଝା ଓ ବେଷ୍ଟ ବ୍ୟାଟରଭାବେ ଚନ୍ଦ୍ରଶେଖର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଚାମ୍ପିୟନ୍ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ହିମାଂଶୁ ଶେଖର ମହାପାତ୍ର ଉପସ୍ଥିତ ଥିଲେ। ଲଲାଟ କେଶରୀ ନନ୍ଦ ଓ ସତ୍ୟବ୍ରତ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଚରମ୍ପା ଯୁବକ ସଂଘ ସଭାପତି ପଦ୍ମନାଭ ପଣ୍ଡା, ସମ୍ପାଦକ ମଦନ ମୋହନ ମହାନ୍ତି, ରଜତ ନାୟକ, ପ୍ରମୋଦ ଦାସ, ନରେନ୍ଦ୍ର ଦାସ, ଦେବଦତ୍ତ ରାଉତରାୟ, ତପନ ମଲ୍ଲିକ, ସଂଗ୍ରାମ ପଲାର, ତପନ ରାଉତ, ଗଗନ ରାଉତ, ଅଶୋକ ଲେଙ୍କା, ଜିତେନ୍ଦ୍ର ପଡ଼ିଆରୀ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଜମିବାଡ଼ି ବିବାଦରୁ ମାର୍‌ପିଟ

## ଥାନାରେ ମାମଲା

ଆଗରପଡ଼ା, ୧।୧(ସୁଶାନ୍ତ ଦାଶ

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ସନ୍ଦାଡ଼ୋ ଗ୍ରାମର ସୁରେନ୍ଦ୍ର ପ୍ରଧାନ ଓ ଶୁଭେନ୍ଦୁ ପ୍ରଧାନ ଦୁଇଭାଇଙ୍କ ମଧ୍ୟରେ ଜମିବାଡ଼ି ବିବାଦରୁ ମାରପିଟ୍ ହୋଇ ଥାନାରେ ମାମଲା ରୁଜୁ ହୋଇଛି। ସୁରେନ୍ଦ୍ର ତାଙ୍କ ଭାଗ ଜମିରେ ଧାନ କାଟୁଥିବା ବେଳେ ଶୁଭେନ୍ଦୁ ଓ ତାଙ୍କ ଦୁଇପୁଅ ସୁବ୍ରତ, ବିବ୍ରତ ପହଞ୍ଚି ଧାନକଟାକୁ ବିରୋଧ କରିବା ସହ ଆକ୍ରମଣ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ସୁରେନ୍ଦ୍ର ଓ ତାଙ୍କ ପୁଅ ଦିପେନ୍ଦ୍ର ଆହତ ହୋଇଥିବା ବେଳେ ଦିପେନ୍ଦ୍ରଙ୍କ ସୁନାଚେନ ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ମାମଲା(ନଂ. ୨୫୫/୨୪) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସୁରେନ୍ଦ୍ରଙ୍କ ସ୍ତ୍ରୀ ପ୍ରମିଳା ଆଇଚ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଦାବି କରିବା ସହ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି। ଅଭିଯୁକ୍ତମାନେ ଫେରାର ଥିବାରୁ ଗିରଫ ହୋଇପାରି ନାହାନ୍ତି ବୋଲି ଥାନାଧିକାରୀ ଶ୍ରୀକାନ୍ତ ପତି କହିଛନ୍ତି। ଅନ୍ୟପକ୍ଷରେ ଶୁଭେନ୍ଦୁ ଓ ତାଙ୍କ ପୁଅ ବିବ୍ରତଙ୍କୁ ଆକ୍ରମଣ ହୋଇଥିବା ନେଇ ଶୁଭେନ୍ଦୁଙ୍କ ସ୍ତ୍ରୀ ସାବିତ୍ରୀଙ୍କ ଅଭିଯୋଗକ୍ରମେ ମାମଲା (ନଂ. ୨୫୭/୨୪) ରୁଜୁ ହୋଇଥିବା ବେଳେ ସୁବ୍ରତଙ୍କୁ ଆଗରପଡ଼ା ବଜାରରେ ଆକ୍ରମଣ କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ଯଶୋଦାଙ୍କ ଅଭିଯୋଗକ୍ରମେ ମାମଲା (ନଂ. ୨୫୬/୨୪) ରୁଜୁ ହୋଇଛି।

# 'ଭାଇଚାରାର ବାର୍ତ୍ତା ବହନ କରେ ମହୋତ୍ସବ'

ଆଗରପଡ଼ା,୧।୧(ସୁଶାନ୍ତ ଦାଶ)

ଆଗରପଡ଼ା ହେମପଦ୍ମା ଗାଲାକ୍ସି ପରିସରରେ ଚାଲିଥିବା ଆଗରପଡ଼ା ଯୁବ ମହୋତ୍ସବର ମଙ୍ଗଳବାର ଥିଲା ୭ମ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ମହୋତ୍ସବ ଭାଇଚାରାର ବାର୍ତ୍ତା ବାଣ୍ଟିଥାଏ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମାକ୍କୀ ଦଲୱାଜି ହବିବ ଯୋଗଦେଇ ମହୋତ୍ସବ ଭାଇଚାରା ସୃଷ୍ଟି କରିବା ସହିତ ଜିଲାର ଐତିହ୍ୟ ଓ ଗୌରବ ପରିପୃଷ୍ଟ କରିବାରେ ସହାୟକ ହେଉଛି ବୋଲି କହିଥିଲେ। କମିଟି ସଭାପତି ଇଂ. ଅମୀୟ ରାମଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥି ଭାବେ ଉପଦେଷ୍ଟା ନିରୋଜ ଆଇଚ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ଶାନ୍ତି କୁମାର ପୁହାଣ ଓ ସେକ ହମିଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିତେନ୍ଦ୍ର ସତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମେଲୋଡି ପରିବେଷଣ କରାଯାଇଥିଲା। କୋଷାଧ୍ୟକ୍ଷ ନୃସିଂହ ଖୁଣ୍ଟିଆ, ସଙ୍ଗଠନ ସମ୍ପାଦକ ଚିନ୍ମୟ ସିଂହ, ଯୁଗ୍ମ ସମ୍ପାଦକ ବାବୁରାମ ବେହେରା, କାର୍ଯ୍ୟକାରୀ ସଭାପତି ତପନ ପୃଷ୍ଟି, ଦିବ୍ୟ ଆକାଶ ପୁହାଣ, ହାପୀ ରାୟ, ଶୁଭମ ସିଂହ, ଚିତ୍ତରଞ୍ଜନ ଉଦ୍‌ଗାତା, ସମ୍ରାଟ ସିଂହ, ଅଶୋକ ପାଣିଗ୍ରାହୀ, ଗୟାଧର ପତିଙ୍କ ସମେତ କମିଟି ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଡଙ୍ଗାରୁ ଗଳିପଡ଼ିଲେ ଯାତ୍ରୀ



ଆବଶ୍ୟକଠାରୁ ଅଧିକ ଯାତ୍ରୀ ନେଉଥିବା ଡଙ୍ଗା।

ଚାନ୍ଦବାଲି(କିଷାନ ପାତ୍ର)/ଧୂଷୁରୀ, ୧।୧ (ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଆରଡ଼ି ଓ ଚାନ୍ଦବାଲିକୁ ସଂଯୋଗ କରୁଥିବା ତିନିତର ଘାଟରେ ଏକ ଡଙ୍ଗା ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଡଙ୍ଗାରୁ ନଦୀକୁ ଜଣେ ବୃଦ୍ଧ ଗଳି ପଡ଼ିବାରୁ ଗୁରୁତର ହୋଇ ଚାନ୍ଦବାଲି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ ତେନ୍ତୁଳିଡିହୀ ଗାଁର ଉମାକାନ୍ତ ପତ୍ରି। ସୂଚନା ମୁତାବକ ବୁଧବାର ଅପରାହ୍ନରେ ଆରଡ଼ି ପଟୁ ଆର ପଟକୁ ଯାତ୍ରୀ ନେଇ ଡଙ୍ଗା ଯାଉଥିବା ସମୟରେ ନଦୀରେ ମେଘା କମ୍ପାନୀ ପକ୍ଷରୁ ପାଇପ ବିଛାଇବା ପାଇଁ ନିର୍ମାଣ ହୋଇଥିବା ବ୍ରିଜ୍‌ରେ ବାଡ଼େଇ ହୋଇଥିଲା। ଫଳରେ ଡଙ୍ଗା ହଲିଯିବାରୁ ବୃଦ୍ଧ ନଦୀ ମଝିକୁ ଗଳି ପଡିଥିଲେ। ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଖବର ପାଇ ଆରଡ଼ି ଫାଣ୍ଡି ପୋଲିସ ତିନିତର ଘାଟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଡଙ୍ଗାରେ ନଦୀପାର ହେଉଥିବାରୁ ଏପରି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଡଙ୍ଗାରେ ମଧ୍ୟ ଆବଶ୍ୟକତାଠାରୁ କମ୍ ସଂଖ୍ୟକ ଲାଇଫ୍ ଜାକେଟ ରହୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ବିପ୍ଳବୀ ଚକ୍ରଧର ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ



ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ଅତିଥିମାନେ।

ଚାନ୍ଦବାଲି,୧।୧(କିଷାନ ପାତ୍ର/ ଅଶୋକ ପଣ୍ଡା)

ଭାରତର ସ୍ୱାଧୀନତା ପୂର୍ବରୁ କନିକାର ପ୍ରଜା ଆନ୍ଦୋଳନ ଓ ସ୍ୱାଧୀନତା ପରେ ଚାନ୍ଦବାଲି ଅଞ୍ଚଳ ପାଇଁ କୃଷକ ଆନ୍ଦୋଳନର ପ୍ରମୁଖ ଭୂମିକା ନେଇଥିବା ବିପ୍ଳବୀ ପ୍ରଜା ନେତା ଚକ୍ରଧର ବେହେରାଙ୍କ ୫୨ତମ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳନ ହୋଇଯାଇଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଘଣ୍ଟେଶ୍ୱରସ୍ଥିତ ବିପ୍ଳବୀ ବୀରଚକ୍ରଧର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ସ୍ମୃତିସଭାରେ ସଭାପତି ସତ୍ୟାନନ୍ଦ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ତ୍ୟାଗଭୂମୀ ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ମୁଖ୍ୟ ବକ୍ତାଭାବେ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ଅନ୍ୟତମ ଅତିଥିଭାବେ ହାସ୍ୟ ଅଭିନେତା ବ୍ରଜବିହାରୀ ସୁବୁଦ୍ଧି, ଓଷ୍ଟା ସମ୍ପାଦକ ଭଦ୍ରକର ପ୍ରଭାତ କୁମାର ପାଣିଗ୍ରାହୀ, ସାମାଜିକକର୍ମୀ ଦିଗମ୍ବର ଦାସ, ଘଣ୍ଟେଶ୍ୱର ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳପ୍ରସାଦ ମହାପାତ୍ର, ମହିଳା ସଭାନେତ୍ରୀ ସଂଯୁକ୍ତା ବଳ ନାୟକ, ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବିପ୍ଳବୀ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଭୂମିକନ୍ୟା ମହିଳା ସଂଗଠନର ଦମୟନ୍ତୀ ରାଉତଙ୍କୁ ବିପ୍ଳବୀ ଚକ୍ରଧର ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ରାଜନେତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସାଧାରଣ ଜନତା ଯୋଗ ଦେଇଥିଲେ।

# ଜିଲା କାର୍ଯ୍ୟାଳୟ କର୍ମଚାରୀଙ୍କ ବିୟୋଗରେ ଶୋକ

ଭଦ୍ରକ, ୧।୧(ସନାତନ ରାଉତ)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ରୂପେ କାର୍ଯ୍ୟରତ ସୂର୍ଯ୍ୟ କୁମାର ନାୟକଙ୍କ ଅକାଳ ବିୟୋଗ ଘଟିଛି। କିଛିଦିନ ପୂର୍ବରୁ ଅକସ୍ମାତ୍ ପକ୍ଷାଘାତ ଓ ମସ୍ତିଷ୍କ ଆଘାତ ଜନିତ ରୋଗର ଶିକାର ହୋଇ କଟକ ଏସ୍‌ସିବି ମେଡିକାଲ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଶୋକବ୍ୟକ୍ତ କରିଛନ୍ତି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ସାଗରିକା ସାହୁ, ତନ୍ମୟ ଜେନା ପ୍ରମୁଖଙ୍କ ସହ ସମସ୍ତ ଅଧିକାରୀ, କର୍ମଚାରୀ ଜିଲା କାର୍ଯ୍ୟାଳୟରେ ବୁଧବାର ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସେ ଜଣେ କର୍ତ୍ତବ୍ୟପରାୟଣ, ସମୟାନୁବର୍ତ୍ତିତା, ଉତ୍ତମ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି ଜିଲାପାଳ ପ୍ରକାଶ କରିଥିଲେ।

# ବର୍ଷବର୍ଷ ଧରି ମାମଲା ଫଇସଲା ହୋଇପାରୁନି

ତିହିଡ଼ି,୧।୧(ସଞ୍ଜିତ ବଳ)

## ତହସିଲ କାର୍ଯ୍ୟାଳୟରେ ଅନିୟମିତତା

ଭଦ୍ରକ ଜିଲା ତିହିଡି ତହସିଲ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟାଳୟରେ ଗାଦିମାଡି ବସିଥିବା କେତେକ କର୍ମଚାରୀ ଲାଞ୍ଚ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦର୍ଶାଯାଇଛି। କାର୍ଯ୍ୟାଳୟରେ ବର୍ଷବର୍ଷ ପଡ଼ିରହିଥିବା ବିଭିନ୍ନ କେଶର ଫଇସଲା ହୋଇପାର ନ ଥିବାରୁ ଲୋକମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯାଇ ନିରାଶରେ ଫେରୁଥିବା କୁହାଯାଇଛି। ସ୍ଥାନୀୟ ଅଧିବାସୀମାନେ ଏ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଏହାର ତଦନ୍ତ ପୂର୍ବକ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ତହସିଲ କାର୍ଯ୍ୟାଳୟରେ ଦୀର୍ଘ ୧୫ବର୍ଷ ହେଲା କାର୍ଯ୍ୟରତ ଜଣେ କର୍ମଚାରୀ ନିର୍ଦ୍ଦିଷ୍ଟ ଜନସେବା କେନ୍ଦ୍ର ପାଇଁ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ହୋଇଥିବା ଆବେଦନ ପରିବର୍ତ୍ତେ ନୂତନ ଆବେଦନକୁ ସେ ଲାଞ୍ଚ ନେଇ ଅନୁମୋଦନ କରୁଛନ୍ତି। ଏପରିକି କାର୍ଯ୍ୟାଳୟରୁ ମିଳୁଥିବା ପ୍ରମାଣପତ୍ରରେ ଅନେକ ତ୍ରୁଟି ରହୁଥିବା ଦର୍ଶାଯାଇଛି। ରେକର୍ଡ ରୁମ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଣେ ଅଣକର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ରେକର୍ଡ ବାହାର କରିବା ପାଇଁ ଲୋକମାନେ ଶୋଷଣର ଶିକାର ହେଉଛନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ କର୍ମଚାରୀ ଦୀର୍ଘ ୨୫ ବର୍ଷ ହେଲା କାର୍ଯ୍ୟାଳୟରେ ୪ଟି ବିଭାଗରେ ରହି ବିଭିନ୍ନ ଅନିୟମିତତାରେ ସମ୍ପୃକ୍ତ ରହୁଛନ୍ତି। ତହସିଲରେ ଅସଂଖ୍ୟ ମିସ କେଶ ଓ ବେବନ୍ଦୋବସ୍ତ କେଶ ବର୍ଷବର୍ଷ ହେଲା ପଡ଼ିରହିଛି। ୨୦୧୭ରେ ଫଇସଲା ହୋଇଥିବା ନାମଜାରୀ କେଶ, ମିସକେଶ ପଟ୍ଟା ଦିଆଯାଉନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଚାକିରିରେ ଥିବା କର୍ମଚାରୀଙ୍କୁ ବଦଳି କରାଯିବା ନିୟମ ଥିଲେ ମଧ୍ୟ ତିହିଡି ତହସିଲରେ ଏହା ଲାଗୁ କରାଯାଇ ନ ଥିବା ନିର୍ମଳ ଦଳାଇ, ତପନ ପଣ୍ଡା, ସତ୍ୟବ୍ରତ କୁଣ୍ଡ, ଭାଗୀରଥି ସାହୁ, ଶ୍ରୀକାନ୍ତ ପଣ୍ଡା, ପୁରୁଷୋତ୍ତମ ସାହୁ, ଦୟାନିଧି ସାହୁ, ଦୀପକ ଜେନା ପ୍ରମୁଖ ଅଭିଯୋଗକାରୀ କହିଛନ୍ତି। ଅଭିଯୋଗର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଦିଲୀପ ରାଉତରାଏ କହିଥିବା ଜଣାଯାଇଛି।

## ସଂକ୍ଷେପରେ

### ଜିଲା ବିକାଶରେ ସହଯୋଗ ଲୋଡ଼ିଲେ ଜିଲାପାଳ

କେନ୍ଦୁଝର,୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଇଂଲିଶ୍ ନବବର୍ଷ ୨୦୨୫ ପରିପ୍ରେକ୍ଷୀରେ କେନ୍ଦୁଝର ଜିଲାପାଳ ବିଶାଲ ସିଂହ ଜିଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରଭୁ ବଳଦେବଜୀଉ ଓ ମା’ ତାରିଣୀଙ୍କ ନିକଟରେ ଜିଲାବାସୀଙ୍କ ସୁଖ ସମୃଦ୍ଧି ନିମନ୍ତେ ପ୍ରାର୍ଥନା କରିଛନ୍ତି। ଏଥିସହ ଜିଲାର ବିକାଶ ପାଇଁ ଜିଲାବାସୀ ସହଯୋଗ ଲୋଡ଼ିଥିଲେ। ଦରବାରହଲଠାରେ ଆୟୋଜିତ ସଭାରେ ସମ୍ମିଳିତ ଅଧିକାରୀ ଓ କର୍ମଚାରୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ବିଦାୟୀ ୨୦୨୪ରେ ସାଧାରଣ ନିର୍ବାଚନ ଓ ବାତ୍ୟା ଦାନା ସମୟରେ ନିଜ ନିଜ ଦାୟିତ୍ୱର ଠିକ ସମ୍ପାଦନ କରିଥିବାରୁ ସାଧୁବାଦ ଜଣାଇଥିଲେ। ୨୦୨୫ ବର୍ଷରେ ଅନୁରୂପ ଭାବେ ଉତ୍ସାହ ସହକାରେ ନିଜ ଦାୟିତ୍ୱ ପ୍ରତି ସଚେତନ ରହି ଜିଲାବାସୀଙ୍କ ସେବାରେ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ଦେହାନ୍ତ ନିମନ୍ତେ ୭ ଦିନ ବ୍ୟାପୀ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଥିବାରୁ ଜିଲାପାଳ ଫୁଲ ଓ କୌଣସି ଉପହାର ପ୍ରଦାନ କିମ୍ବା ଗ୍ରହଣ ନ କରିବାକୁ କହିଥିଲେ। ସମ୍ପୂର୍ଣ୍ଣ ନିରାଡ଼ମ୍ବରରେ ନବବର୍ଷ ପାଳନ କରିବାକୁ ଜିଲାର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଯୁଗ୍ମ ନିର୍ଦ୍ଦେଶକ ଭାବେ ସଞ୍ଜୀବଙ୍କ ପଦୋନ୍ନତି

କେନ୍ଦୁଝର,୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ମାଟିର ପୁଅ ତଥା ସଫଳତାପୂର୍ବକ କେନ୍ଦୁଝର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦୀର୍ଘ ବର୍ଷ ଦାୟିତ୍ୱ ସମ୍ପନ୍ନ କରିଥିବା ସଞ୍ଜୀବ କୁମାର ବାରିକ ଓଡ଼ିଶା ସୂଚନା ସେବା କ୍ୟାଡରରେ ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଛନ୍ତି। ସେ ବର୍ତ୍ତମାନ ଉପ ନିର୍ଦ୍ଦେଶକ ଭାବେ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀଭାବେ କାର୍ଯ୍ୟରତ ଅଛନ୍ତି। ପଦୋନ୍ନତି ପରେ ମଧ୍ୟ ଏହି ପଦବୀରେ ପୂର୍ବପରି କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ରହିଛି।

# ଫେଲ୍ ମାରିଛି ନିର୍ମାଣ ଶ୍ରମିକ ସହାୟତା ଯୋଜନା

## ଶ୍ରମ କାର୍ଯ୍ୟାଳୟକୁ ଦୌଡ଼ି ହିତାଧିକାରୀ ନୟାନ୍ତ

କେନ୍ଦୁଝର,୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ସମଗ୍ର ଜନ ସଂଖ୍ୟାର ଏକ ବୃହତ୍ ଭାଗ ହେଉଛନ୍ତି ଶ୍ରମିକ। ଉକ୍ତ ଶ୍ରମିକଙ୍କ ମଧ୍ୟରୁ ସର୍ବାଧିକ ନିର୍ମାଣ ଶ୍ରମିକ ଶ୍ରେଣୀର। ଏଣୁ ସରକାର ସେମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ଯୋଜନା ଓ କଲ୍ୟାଣ ପାଣ୍ଠି ବ୍ୟବସ୍ଥା କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ସରକାରଙ୍କ ୧୦୦ ଦିନ ପାଳନ ଅବସରରେ ନିର୍ମାଣ ଶ୍ରମିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ହାତରେ ଚେକ୍ ପ୍ରଦାନ କରାଯାଇଥିଲା। ମାତ୍ର ସେମାନଙ୍କୁ ଅଦ୍ୟାବଧି ସହାୟତା ରାଶି ମିଳିପାରି ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଧାରକରଜ କରି ପରିବାର ଲୋକେ ଶୁଦ୍ଧି କାର୍ଯ୍ୟ କରିଥିବା ବେଳେ ଅଦ୍ୟାବଧି ମୃତ୍ୟୁକାଳୀନ ସହାୟତା ରାଶି ପାଇ ପାରିନାହାନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଦ୍ୱାରସୁଣୀ ଗ୍ରାମର ବୁଧୁରାମ ମାଝୀ ୩ ନଭେମ୍ବର ୨୦୧୬ରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପରିବାର ୨୦୨୦ରୁ ମୃତ୍ୟୁକାଳୀନ ସହାୟତା ବାବଦକୁ ଅର୍ଥ ଆବେଦନ କରିଥିଲେ ବି ସହାୟତା ରାଶି ମିଳିନାହିଁ। ସେହିପରି ସଦର ବ୍ଲକ୍ ପୁରୁଲିଆ, ପଦ୍ମପୁର ଗ୍ରାମର କୁଲୁ ଦାସ, ତେଲକୋଇ ବ୍ଲକ୍ କନ୍ତଲେଇ ଗ୍ରାମର ଅନନ୍ତ ପାତ୍ର, ଝୁମ୍ପୁରା ବ୍ଲକ୍ କେନ୍ଦୁଆ ଗ୍ରାମର ବାବୁରାମ ମୁଣ୍ଡା ପରିବାର ଲୋକେ ମଧ୍ୟ ମୃତ୍ୟୁକାଳୀନ ସହାୟତା ପାଇପାରି ନ ଥିବା ଅଭିଯୋଗ ହୋଇଛି। ଅନନ୍ତଙ୍କ ନାବାଳକ ପୁଅ ନୋମିନୀ ଥିବା ହେତୁ ଶ୍ରମ କାର୍ଯ୍ୟାଳୟ ତାଙ୍କ ସହାୟତାକୁ ପ୍ରଦାନ କରୁନାହିଁ। ପୁଅଙ୍କୁ ୧୮ ବର୍ଷ ହେଲେ ସହାୟତା ମିଳିବ ବୋଲି କୁହାଯାଉଛି। ସେହିପରି ତେଲକୋଇ ବ୍ଲକ୍‌ର ବିଞ୍ଝବାହାଲ ଗ୍ରାମର ଦାମୋଦର ଯେନା(୯ ଡିସେମ୍ବର ୨୦୨୩), ସୁକାନ୍ତୀ ନାୟକ(୨୭ ମେ ୨୦୨୩), ପାଟଣା ବ୍ଲକ୍‌ର ଖଜୁରିପୋଷିର କନକ ମହାନ୍ତ(୨୦୨୧), କେନ୍ଦୁଆ ଗ୍ରାମର ଭାମା ମହାନ୍ତ(୨୦୨୧), ଚମ୍ପୁଆ ବ୍ଲକ୍‌ର ରାଣୀପୁରର ଦୁଃଖିନୀ ନାୟକ(୨୦୨୧), ପାଟଣା ବ୍ଲକ୍‌ର ବଡ଼ଗମ୍ଭାରିଆ ଗ୍ରାମର ରାଇମାନି ମୁଣ୍ଡା(୨୦୨୧), ବ୍ଲକ୍‌ର ରାଧିକା ପାତ୍ର(୨୦୨୧)ରୁ ବିବାହ ସହାୟତା ପାଇଁ ଆବେଦନକରି ଚାତକ ସଦୃଶ ଅପେକ୍ଷା କରିଛନ୍ତି। ଏହି ନିର୍ମାଣ ଶ୍ରମିକମାନେ ବାରମ୍ବାର ଶ୍ରମ କର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତହେବା ସହ ନିଜର ଅଧିକାରରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ଖର୍ଚ୍ଚାନ୍ତ ନ ହେବାକୁ ସରକାର ୧ ମେ ୨୦୧୭ରୁ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅନ୍‌ଲାଇନ କରିଛନ୍ତି। ଏହା ସତ୍ତ୍ୱେ ଶ୍ରମିକ ଓ ସେମାନଙ୍କ ପରିବାର ବାରମ୍ବାର ଶ୍ରମ କାର୍ଯ୍ୟାଳୟକୁ ଦୌଡିବାକୁ ପଡୁଥିବାରୁ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଘଟଣାକୁ ଗୁରୁତର ସହ ଯଦି ବିଚାରକୁ ନ ନିଆଯାଏ, ଆଗାମୀ ଦିନରେ ଶ୍ରମିକଙ୍କ ମନରେ କୁହୁଳୁଥିବା ଅସନ୍ତୋଷ ଗଣ ଆନ୍ଦୋଳନର ରୂପ ନେବ ବୋଲି ଶ୍ରମିକ ସଂଗଠନଗୁଡ଼ିକ କହିଛନ୍ତି। ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳି କହିଛନ୍ତି, ଶ୍ରମିକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଉଛି। ସେମାନେ କିଭଳି ତାଙ୍କର ପ୍ରାପ୍ୟ ପାଇବେ ସେ ନେଇ ପଦକ୍ଷେପ ନିଆଯାଉଛି। ଜଙ୍ଗଲ ଓ ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି, ଫେବୃୟାରୀ ଶେଷ ସୁଦ୍ଧା ରାଜ୍ୟରେ ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କ ସହାୟତା ପ୍ରଦାନ କରିବାକୁ କୁହାଯାଇଛି। ଯଦି ଜାଣିଶୁଣି ବିଳମ୍ବ କରିବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜ୍ୟରେ ୧.୫୭ ଲକ୍ଷ ହିତାଧିକାରୀ ସହାୟତା ଅପେକ୍ଷାରେ ଅଛନ୍ତି। ଅର୍ଥର ଅସୁବିଧା ନାହିଁ। ଏଥିପାଇଁ ଶ୍ରମିକଙ୍କ ସହାୟତା ପାଇଁ ୫୪୧ କୋଟି ଟଙ୍କା ରହିଛି।

# କେନ୍ଦୁଝରର ଅଭୟ ଉପ ବିଜେତା

## ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

କେନ୍ଦୁଝର,୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ)



ରାଜ୍ୟ ପାରା ବ୍ୟାଡମିଣ୍ଟନ ୨୦୨୪-୨୫ ପ୍ରତିଯୋଗିତାରେ କେନ୍ଦୁଝର ଜିଲାର ଯୁବକ ଅଭୟ ଜେନା (୩୮) ଉପ ବିଜେତା ହୋଇଛନ୍ତି। ଅଭୟ ୨ ମ୍ୟାଚରୁ ଗୋଟିଏ ଜିତି ରୌପ୍ୟ ପଦକ ହାସଲ କରିଥିବା ସେ କହିଛନ୍ତି। ସେ ଆସନ୍ତା ବର୍ଷ ହେବାକୁ ଥିବା ଜାତୀୟସ୍ତର ଖେଳରେ ଖେଳିବାକୁ ସୁଯୋଗ ପାଇଛନ୍ତି। ପ୍ରତିଯୋଗିତା ଭୁବନେଶ୍ୱର ନୟାପଲ୍ଲିସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଡିସେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଅଭୟଙ୍କ ଘର କେନ୍ଦୁଝର ସହର ଜଗନ୍ନାଥପୁର ସାହିରେ। ଦୀର୍ଘ ୧୫ ବର୍ଷ ହେଲା ପାରା କ୍ରୀଡ଼ା ଖେଳି ଆସୁଥିବା ବେଳେ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିଆସୁଥିଲେ। ନିଜର ଦକ୍ଷତା ଦେଖାଇ ଆଜି ରାଜ୍ୟସ୍ତରରେ ରୌପ୍ୟ ପଦକ ପାଇଛନ୍ତି। ଅଧିକ ସୁଯୋଗ ମିଳିଲେ ପାରା ବ୍ୟାଡମିଣ୍ଟନ ଏବଂ କ୍ରିକେଟ୍‌ରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିପାରିବେ ବୋଲି କହିଛନ୍ତି। ପ୍ରତିଯୋଗିତାରେ ନିଜର ହ୍ୱିଲ ଚେୟାର ନ ଥିବାରୁ ମାଗି ଆଣି ଖେଳିଥିଲେ। ଏଣୁ ଏକ ହ୍ୱିଲ ଚେୟାର ଯୋଗାଇଦେଲେ ସେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ପାରିବେ ବୋଲି ଅଭୟ କହିଛନ୍ତି। ହ୍ୱିଲ ଚେୟାର ମିଳିଲେ ସେ ଭଲ ଭାବରେ ଅଭ୍ୟାସ କରିପାରିବେ ବୋଲି କହିଛନ୍ତି।

# କେଓ୍ୱାଇସି ଛେନାପଦି ଚାମ୍ପିୟନ

## ଚନ୍ଦନ ମେମୋରିଆଲ କ୍ରିକେଟ୍

ଛେନାପଦି,୧।୧(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତ ବରାଙ୍ଗ ପଡ଼ିଆରେ ବଜରଙ୍ଗବାଲି କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ଚନ୍ଦନ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୮ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ନ୍ୟୁୟୁଷ୍ଟାର ଇଲେଭେନ ତେମଳା ଓ କେଓ୍ୱାଇ ସି ଛେନାପଦି ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଛେନାପଦି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୧୬୪ ରନ୍ ସଂଗ୍ରହ କରିଥିଲା। ଜବାବରେ ତେମଳା ଏକାଦଶ ସମସ୍ତ ଉଇକେଟ ହରାଇ ୧୩୦ ରନ୍ ସଂଗ୍ରହ କରିଥିଲା। ଉଦ୍‌ଯାପନୀ ଦିବସର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥିଭାବେ ସମଣା ସରପଞ୍ଚ ଜଗବନ୍ଧୁ କାଣ୍ଡି, ଧୁଶାସନ ବେହେରା, ଲୋକନାଥ ସାହା, ରତ୍ନାକର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାମ୍ପିୟନ, ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଅରୂପ ଶା, ପ୍ରାଚୀ ସୌରଭ ଶା, ସୁବ୍ରତ ନାୟକ, ବିପିନି ସାହୁ, କାହ୍ନୁ ଚରଣ ଶା, ମହେଶ୍ୱର ଜେନା ଖେଳ ପରିଚାଳନା କରିଥିବାବେଳେ ଶୁକଦେବ ଜେନା, ବାମଦେବ ସାହା, ନାରଣଚନ୍ଦ୍ର ସାହୁ, ଧାରା ବିବରଣୀ ପ୍ରଦାନ କରିଥିଲେ। ବଜରଙ୍ଗବାଲି କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଚଢ଼େଇକୁଦରରେ ବିଦେଶୀ ପକ୍ଷୀ

- କଳରବରେ ଅଞ୍ଚଳ ପ୍ରକମ୍ପିତ
- ପରିବେଶବିତ୍‌ଙ୍କ ମନରେ ଉତ୍ସାହ

ପାଟଣା,୧।୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର ବୈତରଣୀ ନଦୀର ଚଢ଼େଇକୁଦରକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ଗତ ୨ ବର୍ଷ ହେଲା ଏଠାକୁ ବିଦେଶୀ ପକ୍ଷୀଙ୍କ ଆଗମନ ହେଉଥିବା ବେଳେ ପକ୍ଷୀଙ୍କ କଳରବରେ ଅଞ୍ଚଳ ପ୍ରକମ୍ପିତ ହେଉଛି। ଏହା ପର୍ଯ୍ୟଟକ ଓ ପରିବେଶବିତ୍‌ଙ୍କ ମନରେ ଅନେକ ଉତ୍ସାହ ଭରୁଥିବା ଦେଖିବାକୁ ମିଳିଛି। ପକ୍ଷୀଙ୍କ କଳରବ ଓ କ୍ରୀଡ଼ା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି।

ସୂଚନା ଅନୁଯାୟୀ, ରାଜନଗରରେ ରାଜାରାକୁଡ଼ା ଅମଳର ସୁରମ୍ୟ ମନ୍ଦିର ମଠ ରହିଛି। ବୈତରଣୀ ନଦୀର ଶୈବ୍ୟା କାବେରୀ ଘାଟରେ ବଣଭୋଜି ପାଇଁ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ଶୀତୁଆ ପାଗ ସାଙ୍ଗକୁ ନଦୀ ପଠା ଓ ଟାପୁରେ ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ ଓ ବୈତରଣୀ ନଦୀର ସୁନୀଳ ଜଳ ରାଶି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ସୃଷ୍ଟି କରୁଛି। ଏହା ପର୍ଯ୍ୟଟକ ଓ ପରିବେଶବିତ୍‌ଙ୍କୁ ଆକୃଷ୍ଟ କରିଥାଏ। ଗତବର୍ଷ ତୁଳନାରେ ଚଢ଼େଇକୁଦରକୁ କମ ପକ୍ଷୀଙ୍କ ଆଗମନ ହୋଇଥିବାରୁ ପକ୍ଷୀ ପ୍ରେମୀଙ୍କୁ ନିରାଶ କରିଛି। ମାତ୍ରାଧିକ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଯୋଗୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବିଗତ ବର୍ଷ ତୁଳନାରେ ଅପେକ୍ଷାକୃତ କମଥିବା ପରିବେଶବିତ୍‌ମାନେ କହିଛନ୍ତି। ପକ୍ଷୀଙ୍କ ଆଗମନ ପାଇଁ ପାଟଣା ରେଞ୍ଜ ପକ୍ଷରୁ ପକ୍ଷୀଙ୍କ ସୁରକ୍ଷା ଲାଗି ବିଶେଷ ପଦକ୍ଷେପ ନିଆଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର କହିଛନ୍ତି, ବିଦେଶାଗତ ପକ୍ଷୀଙ୍କ ଆଗମନ ଗତ ୨ବର୍ଷ ଧରି ହେଉଛି। ଏଠାକାର ପରିବେଶ ପକ୍ଷୀଙ୍କୁ ସୁହାଉଥିବାରୁ ହଂସ ଜାତୀୟ ବିଦେଶୀ ପକ୍ଷୀ ଆସୁଛନ୍ତି। ପକ୍ଷୀଙ୍କ ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯାଉଥିବା କହିଛନ୍ତି। ଏହାକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ମିଳିଥିଲେ ହେଁ ଏହି ସ୍ଥାନର ଆଶାଦୀତ ବିକାଶ ହୋଇ ନ ଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି।



ନଦୀ ଟାପୁରେ ବିଦେଶୀ ପକ୍ଷୀ ବସିଛନ୍ତି।

## ମୟୂରଭଞ୍ଜ

### ୫ଲକ୍ଷ ଟଙ୍କା ମୂଲ୍ୟର ଦେଶୀ ମଦ ଜବତ

ବାରିପଦା,୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଅବକାରୀ ବିଭାଗ ବେଆଇନ ଚାଲାଣ ହେଉଥିବା ଦେଶୀ ମଦ ଜବତ କରିଛି। ଏକ ପିକ୍ଅପ୍ ଭ୍ୟାନ୍‌ରୁ ୫୦ଟି ବସ୍ତାରେ ଥିବା ୨୫୦୦ ଲିଟର ମଦ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଗାଡ଼ର ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଅରଡ଼ବଜାର ଅଞ୍ଚଳର ରମାକାନ୍ତ ଦାସ। ରାଜ୍ୟ ଅବକାରୀ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ୨୮ ଡିସେମ୍ବରରୁ ୧୫ ଜାନୁୟାରୀ ପର୍ଯ୍ୟନ୍ତ ସ୍ପେଶାଲ ଡ୍ରାଇଭ ଚାଲିଛି। ଏହାକୁ ନେଇ ମୟୂରଭଞ୍ଜ ଅବକାରୀ ବିଭାଗରେ ମଧ୍ୟ ସ୍ୱତନ୍ତ୍ର ବେଆଇନ ମଦ ବିରୋଧୀ ଡ୍ରାଇଭ ଚାଲୁରହିଛି। ଏହି ଅବସରରେ ମଙ୍ଗଳବାର ରାତି ୮ଟାରେ ଗୁହାଳଡିହି ଛକ ନିକଟରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଛପି ରହି ପିକଅପ୍ ଅଟକାଇ ଦେଶୀ ମଦ ଜବତ କରିଥିଲା। ଏହି ବେଆଇନ ମଦ ମୋରଡ଼ା ଥାନାର ଭାଲୁକଚୁଆଠାରୁ ବାଲେଶ୍ୱରକୁ ଚାଲାଣ ହେଉଥିଲା।

### ବ୍ୟାରିକେଡ୍ ଭାଙ୍ଗିଲା ପିକ୍ଅପ୍ ଭ୍ୟାନ୍

ମୋରଡ଼ା,୧।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା-ମୋରଡ଼ା ମୁଖ୍ୟ ରାସ୍ତାର ଜମ୍ବୀରା ନଦୀର ଶିଳଦା ପୋଲ ବିପଦସଂକୁଳ ଅବସ୍ଥା ଥିବାରୁ ପୂର୍ତ୍ତବିଭାଗ ପକ୍ଷରୁ ଉକ୍ତ ରାସ୍ତାରେ ବ୍ୟାରିକେଡ ଦିଆଯାଇଛି। ଏହି ରାସ୍ତା ଦେଇ ଭାରୀଯାନର ଯାତାୟାତ ବାରଣ କରାଯାଇଛି। ତେବେ ବୁଧବାର ଅପରାହ୍ନରେ ଏକ ଓଭରଲୋଡିଂ ପିକ୍ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସି ବ୍ୟାରିକେଡ୍ ଭାଙ୍ଗିଦେବାରୁ ରାସ୍ତା ଜାମ୍ ହୋଇଯାଇଥିଲା। ଫଳରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଓ ଚିତ୍ରଡ଼ା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ବ୍ୟାରିକେଡ୍ କାଟି ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଦେବସ୍ଥଳୀରେ ଭିଡ଼ ଜମିଲା

ବାରିପଦା,୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

ମୟୂରଭଞ୍ଜ ଜିଲାବାସୀ ପୁରୁଣା ବର୍ଷକୁ ବିଦାୟ ଦେଇ ନବବର୍ଷ ୨୦୨୫କୁ ସ୍ୱାଗତ କରିଛନ୍ତ। ବର୍ଷ ତମାମ ପରିବାରରେ ସୁଖ ସମୃଦ୍ଧି ବଜାୟ ରଖିବା ପାଇଁ ଦେବାଦେବୀଙ୍କ ଆଶିଷ ଭିକ୍ଷା ନିମନ୍ତେ ଦେବସ୍ଥଳୀଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଥିଲା। ନୂଆ ଆଶା ଉଦ୍ଦୀପନା ନେଇ ଜିଲାବାସୀ ନୂଆ ବର୍ଷକୁ ଧୂମଧାମରେ ପାଳନ କରିଛନ୍ତି। ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ମହାପ୍ରଭୁଙ୍କ (ଜଗନ୍ନାଥ) ମନ୍ଦିର ସହ ସହରର ଅଧିଷ୍ଠାତ୍ରୀ ଦେବୀ ମା’ ଅମ୍ବିକାଙ୍କ ପୀଠରେ ବୁଧବାର ସକାଳଠାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଜିଲାପାଳ ହେମକାନ୍ତ ସୟ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରିଛନ୍ତି। ଜିଲାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନ ହୋଇ ଦୁର୍ଘଟଣାରୁ ବର୍ତ୍ତିବା ଓ ଜୀବନ ରକ୍ଷା କରିବା ପାଇଁ ବ୍ୟାପକ ସଚେତନ ହେବାକୁ ଜିଲାପାଳ ନିବେଦନ କରିଛନ୍ତି। ଜିଲାର ବିକାଶ ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମଧ୍ୟ କହିଛନ୍ତି। ସେହିପରି ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ଜିଲା ପୋଲିସ ସହିତ ଜିଲାବସୀଙ୍କ ସହଯୋଗ ଆବଶ୍ୟକତା ରହିଛି କହିଛନ୍ତି।

### ଖଡ଼ଖାଇ ଡ୍ୟାମ୍ ପରିସରରେ ପ୍ରବଳ ଭିଡ଼

ରାଇରଙ୍ଗପୁର,୧।୧(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରେ ଆନନ୍ଦ ଉଲ୍ଲାସରେ ଇଂରାଜୀ ନବ ବର୍ଷ ପାଳିତ ହୋଇଯାଇଛି। ରାଇରଙ୍ଗପୁର ସହରାଞ୍ଚଳ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ରାଇରଙ୍ଗପୁର ନିକଟବର୍ତ୍ତୀ କୁସୁମୀ ବ୍ଲକ ଅନ୍ତର୍ଗତ ସୁଲେଇପାଟସ୍ଥିତ ଖଡ଼ଖାଇ ଡ୍ୟାମ୍ ପିକ୍‌ନିକ ସ୍ପଷ୍ଟ ସ୍ଥଳରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭୋଜି କରିଥିବା ଦେଖିବାକୁ ମିଳିଥିଲା।

### ବିନା ଲାଇସେନ୍ସରେ ବିକ୍ରି ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ

ବୈଶିଙ୍ଗା,୧।୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରେ ବିନା ଲାଇସେନ୍ସରେ ଚାଲିଛି ଫାଷ୍ଟ ଫୁଡ଼ ଓ ଜଳଖିଆ ଦୋକାନ। ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଢାବାଗୁଡିକରେ ମଧ୍ୟ ବୈଧ ଲାଇସେନ୍ସ ନ ଥିବା ଜଣାପଡ଼ିଛି। ବର୍ଷ ତମାମ କେତେକ ଢାବାଗୁଡ଼ିକରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତେବେ ଏ ବାବଦରେ ପଚାରିବାରୁ କେତେକ ଜଳଖିଆ ଦୋକାନୀ କହିଛନ୍ତି ଯେ, ୪ ବର୍ଷ ତଳେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କ୍ୟାମ୍ପ ପ୍ରତିଷ୍ଠା କରାଯାଇ ଆବେଦନକାରୀଙ୍କୁ ଫୁଡ୍ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ଏହା ପରଠାରୁ କୌଣସି ବିଭାଗୀୟ ଅଧିକାରୀ ଦୋକାନ ଯାଞ୍ଚ କରିନାହାନ୍ତି। ଇତି ମଧ୍ୟରେ ସେସବୁ ଲାଇସେନ୍ସର ବୈଧତା ମଧ୍ୟ ନାହିଁ।

ଏହାର ସୁଯୋଗ ନେଇ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାରର ରଙ୍ଗ, ନକଲି କମ୍ପାନୀର ଶସ୍ତା ସସ ଓ ମସଲା ବ୍ୟବହାର କରାଯାଇଥାଏ। ସ୍ୱଚ୍ଛତା ପ୍ରତି ଆଦୌ ଧ୍ୟାନ ନ ଦେଇ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଖାଇବା ଜିନିଷ ପ୍ରସ୍ତୁତ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଫଳରେ ଭୟଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ମଧ୍ୟ ରହୁଥିବା ବେଳେ ଖାଦ୍ୟ ନିରାପତ୍ତା ବିଭାଗ କିନ୍ତୁ ଚୁପ। କେବଳ ସହରାଞ୍ଚଳରେ କେବେ କେମିତି ଥରେ ଦୁଇଥର ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ଉପରେ ଚଢ଼ାଉ କରି କିଛି ଜରିମାନା ଆଦାୟ କରି ନିଜର ଦାୟିତ୍ୱ ସାରି ଦେଉଥିବା ଦେଖାଯାଉଛି। ହେଲେ ଗ୍ରାମାଞ୍ଚଳରେ ଗଢ଼ି ଉଠୁଥିବା ବଜାରଗୁଡ଼ିକରେ ଥିବା ଗ୍ରାହକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ବିଭାଗର ସାମାନ୍ୟତମ ଦାୟିତ୍ୱ ଥିବା ମନେ ହୁଏନାହିଁ। ଜିଲାପାଳ ଏଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି।

# ନୂତନ ବର୍ଷକୁ ସ୍ୱାଗତ କଲେ ଯୁବ ଗୋଷ୍ଠୀ




ନୂଆ ବର୍ଷକୁ ସ୍ୱାଗତ ପାଇଁ ଏକାଠି ହୋଇଥିବା ଯୁବଗୋଷ୍ଠୀ।

ମୋରଡ଼ା,୧।୧(ସ୍ମାରକ ମାଜୀ)

ନୂତନ ବର୍ଷକୁ ନେଇ ଉତ୍ସବମୁଖର ହୋଇପଡିଛି ମୟୂରଭଞ୍ଜ ଜିଲା ମୋରଡା ବ୍ଲକ। ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ କରାଯାଇଛି। ଏଥିପାଇଁ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଥିବା ଦେଖିବାକୁ ମିଳିଥିଲା। ବ୍ଲକର ଚିତ୍ରଡ଼ା, ଶୀର୍ଷାପାଳ ଛକ, ଚିତ୍ରଡ଼ା କଲେଜ ଛକ, ମୋରଡ଼ା ବଜାର, ଝିଙ୍କିରିଆ, ବାରମାଇଲ, ଦାନ୍ତିଆମୁହାଁ ଆଦି ସ୍ଥାନରେ ଯୁବ ଗୋଷ୍ଠୀ ନୂଆ ବର୍ଷକୁ ସ୍ୱାଗତ କରିଥିଲେ। ତେବେ ବ୍ଲକର ଶୀର୍ଷାପାଳ ଛକରେ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ହୋଇଥିବା ଜିରୋନାଇଟ୍ ସେଲିବ୍ରେଶନ ବେଶ ଆକର୍ଷଣୀୟ ଥିଲା। ଏକ ୪ ଫୁଟ ଲମ୍ବର କେକକୁ ଯୁବ ଗୋଷ୍ଠୀମାନେ କାଟି ମାଇକ ବଜାଇ, ବାଣ ଫୁଟାଇ ରାତି ସାରା ନୃତ୍ୟରେ ଝୁମିଥିଲେ। ସେହିପରି ଏଠାରେ ଏକ ସେଲ୍ଫି ପଏଣ୍ଟ ମଧ୍ୟ କରାଯାଇଥିଲା। ସେଥିପାଇଁ ଫଟୋ ଉଠାଇବାକୁ ଲୋକଙ୍କ ଭିଡ଼ ଜମିଥିଲା। ଚିତ୍ରଡା କଲେଜ ଛକରେ ହ୍ୟାପି ପିପୁଲ କ୍ଲବର ସଦସ୍ୟମାନେ ପରସ୍ପରକୁ ମିଠା ଖୁଆଇ ନୂତନ ବର୍ଷ ପାଳନ କରିଛନ୍ତି। ସେହିପରି ପିକ୍‌ନିକ୍ ସ୍ପଟରେ ମଧ୍ୟ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ମୋରଡ଼ା ବ୍ଲକର ରାଙ୍ଗାଦାଲାଙ୍ଗ, ପଳାସମୁଣ୍ଡୁଳି ପୋଲ, ଶୁଳିଆପଦା ବ୍ଲକର ଦେଉଳି, ରାସଗୋବିନ୍ଦପୁର ବ୍ଲକର ବାଙ୍କବଣ ଆଦି ସ୍ଥାନରେ ଅନେକ ଲୋକ ପିକନିକ କରିଥିଲେ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା

## ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ

- ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ଜିଲାପାଳ

ବାରିପଦା,୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜାନୁଆରୀ ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ବୁଧବାର ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ଜିଲା ଆଞ୍ଚଳିକ ପରିବହନ ବିଭାଗ, ପୋଲିସ ପ୍ରଶାସନ ଓ ସଡ଼କ ସୁରକ୍ଷା ସମିତିଙ୍କ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଜିଲାପାଳ ହେମକାନ୍ତ ସୟ ଏବଂ ଜିଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ପ୍ଲାକାର୍ଡ ଧରି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଅମ୍ବିକା ମନ୍ଦିର, ଜଗନ୍ନାଥ ମନ୍ଦିର ଓ କୃଷ୍ଣଚନ୍ଦ୍ର ଗୋଲେଇ ଦେଇ ସହର ପରିକ୍ରମା କରି ଜନସଚେତନତା କରିଥିଲେ।

ଏହି ଉପଲକ୍ଷେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଲିଫ୍‌ଲେଟ ବଣ୍ଟନ କରାଯାଇ ଦୁଇ ଚକିଆ ଯାନ ଚଳାଇବା ସମୟରେ ହେଲମେଟ ବ୍ୟବହାର, ଚାରି ଚକିଆ ଯାନରେ ସିଟ ବେଲ୍ଟର ବ୍ୟବହାର, ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚାଳନା ନ କରିବା ଏବଂ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମର ସ୍ଥାନୀୟ କଳାକାରମାନେ ଯମରାଜ ଏବଂ ଚିତ୍ରଗୁପ୍ତ ବେଶ ଧରି ପଥପ୍ରାନ୍ତ ସଚେତନତା ନାଟକ କରିବା ସହିତ ରାସ୍ତାରେ ଯେଉଁମାନେ ହେଲମେଟ ନ ପିନ୍ଧି ଗାଡ଼ି ଚଳାଉଥିଲେ ସେମାନଙ୍କୁ ସଚେତନ କରିବା ସହିତ ପୋଲିସ ସହାୟତାରେ ଦଣ୍ଡବିଧାନ ମଧ୍ୟ କରୁଥିଲେ। ଏଥିସହିତ ଜିଲା ପ୍ରଶାସନ ପକ୍ଷରୁ ବିନା ହେଲମେଟ ଗାଡ଼ି ଚାଳନା କରୁଥିବା ଚାଳକଙ୍କୁ ମାଗଣାରେ ହେଲମେଟ ମଧ୍ୟ ପ୍ରଦାନ କରାଯାଉଥିଲା। ଏପରିକି ଚଳଚ୍ଚିତ୍ର ତାରକା ଅସିତ ପତିଙ୍କୁ ଏକ ହେଲମେଟ ଦେଇ ଜନସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ସହକାରୀ ପରିବହନ ଅଧିକାରୀ ସାଲକୋ ମୁର୍ମୁ, ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡ.ମଧୁସ୍ମିତା ସାମନ୍ତରାୟଙ୍କ ସମେତ ପୋଲିସ ପ୍ରଶାସନ ଓ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଓ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।



ଯମ ଓ ଚିତ୍ରଗୁପ୍ତ ବେଶରେ କଳାକାରମାନେ ସଚେତନ କରୁଛନ୍ତି।

# ସୋସାଇଟିର ଚାଷୀଙ୍କୁ ନେଇ ନବବର୍ଷ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ସୋସାଇଟି କର୍ମକର୍ତ୍ତା ଓ କୃଷକ।

ବସ୍ତା, ୧୧(ହରିଶଙ୍କର ପାଢ଼ି)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ବସ୍ତା ଶାଖାରେ ବୁଧବାର ନବବର୍ଷ ପାଳିତ ହୋଇଛି। ବ୍ୟାଙ୍କ ଶାଖା ପରିଚାଳକ ତୁଷାରକାନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ନିର୍ଦ୍ଦେଶକ ଦେବ କୁମାର ଦେବ, ଡିଜିଏମ୍ ହିମାଂଶୁ ଶେଖର ଦାସ, ଏଷ୍ଟାବ୍ଲିସ ମ୍ୟାନେଜର ସଞ୍ଜନ କୁମାର ଦାସ ଓ ଖବରଦାତା ଦୀପକ କୁମାର ପରିଡ଼ା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

ସଭାପତି ମହାପାତ୍ର ତାଙ୍କ ବକ୍ତବ୍ୟରେ ଚାଷୀଙ୍କ ଉନ୍ନତି ପାଇଁ ସମବାୟ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ବିଭିନ୍ନ ବର୍ଗର ଚାଷୀଙ୍କୁ କୃଷି ଋଣ ସହ କୃଷି ଯନ୍ତ୍ରପାତି କମ୍ ସୁଧରେ ଯୋଗାଇ ତାଙ୍କୁ ସୁଦୃଢ଼ କରିଛି। ତେଣୁ ବସ୍ତା ବ୍ଲକରେ ଅଧିକରୁ ଅଧିକ ଚାଷୀଙ୍କୁ ସମବାୟ ସହିତ ଯୋଡ଼ିବା ପାଇଁ ଆହ୍ୱାନ ଦେଇଥିଲେ। ଶାଖା ପରିଚାଳକ ପାତ୍ର ବ୍ୟାଙ୍କ ବ୍ଲକର ସମସ୍ତ ଚାଷୀଙ୍କ ଉନ୍ନତିରେ ସହଯୋଗ ପାଇଁ ବଦ୍ଧପରିକର ବୋଲି ମତବ୍ୟକ୍ତ କରିଥିଲେ। ୨୦୨୫ ବସ୍ତା ଶାଖା ଜିଲାରେ ପ୍ରଥମ ହେବା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୧୨ଟି ସମବାୟ ସମିତି ସମ୍ପାଦକ, ଚାଷୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ୧୨ ଚାଷୀ, ଜଣେ ସେନା କର୍ମଚାରୀ ଓ ଖବରଦାତା ଦୀପକ କୁମାର ପରିଡ଼ାଙ୍କୁ ସଭାପତି ମହାପାତ୍ର ଉପଢ଼ୌକନ ଓ ଫୁଲଗଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସଭାପତି ଓ ନିର୍ଦ୍ଦେଶକଙ୍କୁ ବ୍ୟାଙ୍କ ଓ ସମବାୟ ସମିତିର ସମ୍ପାଦକମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଚାଷୀ ଲକ୍ଷ୍ମଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କର ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ପ୍ରଣବ କୁମାର ସିଂହ, ହରିହର ମହାନ୍ତି, ସୁଧାଂଶୁ ସେଠୀ, ଶ୍ୟାମସୁନ୍ଦର ମାଝି, ଗୋପାଳ ଚନ୍ଦ୍ର ଦାସ, ଦିଗାମ୍ବର ଜେନା, ଅଶୋକ କୁମାର ରାଉଳ ଓ ସୌମ୍ୟରଞ୍ଜନ ବେହେରା ପରିଚାଳନା କରିଥିଲେ।

# ଜିଲାରୁ ୧୧ ଗଲେ ୧୦ ଆସିଲେ

କେନ୍ଦୁଝର,୧୧(ଦୀପକ ମିଶ୍ର): ପୋଲିସ ମୁଖ୍ୟାଳୟରୁ ପ୍ରକାଶିତ ପୋଲିସ ଇନ୍ସପେକ୍ଟରସ୍ତରରେ ବଦଳିରେ କେନ୍ଦୁଝରରୁ ୧୧ ଜଣ ଅନ୍ୟତ୍ର ବଦଳି ହୋଇଥିବାବେଳେ ୧୦ଜଣ ପୋଲିସ ଇନ୍ସପେକ୍ଟର କେନ୍ଦୁଝରକୁ ଆସିଛନ୍ତି। ପୋଲିସ ମୁଖ୍ୟାଳୟ ସୂଚନା ଅନୁସାରେ ବରଗଡ଼ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ପ୍ରଶାନ୍ତ ସାମଲ, ଭଦ୍ରକରେ କାର୍ଯ୍ୟରତ ଫନୀନ୍ଦ୍ରଭୂଷଣ ନାଏକ, କଟକରେ ଥିବା ମନୋଜ ସ୍ୱାଇଁ, ବାଲେଶ୍ୱରରେ ଥିବା ଅଶୋକ ନାୟକ, ବରଗଡ଼ରେ ଥିବା ସୁଶାନ୍ତ ପ୍ରଧାନ, ପୁରୀରେ ଥିବା ମାନସ ବାରିକ, ସୁବର୍ଣ୍ଣପୁରରେ ଥିବା ରଞ୍ଜିତ ସାହୁ, ପୋଲିସ କମିଶନରେଟରେ ଥିବା କିଶୋର ଚନ୍ଦ୍ର ପ୍ରଧାନ, ସମ୍ବଲପୁରରୁ ଝସକେତନ ଭୋଇ, ଏବଂ ଢେଙ୍କାନାଳରୁ ପ୍ରଭାତ ସାହୁଙ୍କୁ କେନ୍ଦୁଝରକୁ ବଦଳି ହୋଇଛି। ସେହିପରି କେନ୍ଦୁଝରରେ କାର୍ଯ୍ୟରତ ପୋଲିସ ଇନ୍ସପେକ୍ଟର ଦୀପ୍ତି ରଞ୍ଜନ ସାହୁଙ୍କର କେନ୍ଦ୍ରାପଡ଼ା ବଦଳିକୁ ବାତିଲ କରି ତାଙ୍କୁ ପୁନଃ କେନ୍ଦୁଝରରେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ କେନ୍ଦୁଝରରେ କାର୍ଯ୍ୟରତ ହେମନ୍ତ ମାଝୀଙ୍କୁ ସିଏଡବ୍ଲ୍ୟୁ, ସରୋଜକାନ୍ତ ସାମଲଙ୍କୁ ସିଆଇଡ଼ି ସିବି କଟକ, ଇନ୍ଦ୍ରଜିତ ବେହେରାଙ୍କୁ ସିଆଇଡ଼ି ସିବି କଟକ, ଜନ କୁଜୁରଙ୍କୁ ଦେବଗଡ଼, ସମ୍ୱାରି ହାଁସଦାଙ୍କୁ ଦେବଗଡ଼, ବିନୟ ପ୍ରକାଶ ଜିଆରପି ରାଉରକେଲା, ସୁନୀଲ କର ଜିଆରପି ରାଉରକେଲା, ପ୍ରଦୀପ୍ତ ସେଠୀ ଜଗତସିଂପୁର, ରମାକାନ୍ତ ସାଏଙ୍କୁ ନବରଙ୍ଗପୁର, ପ୍ରଫୁଲ୍ଲ ଲାକ୍ରା ଏସ୍‌ଟିଫ୍ କେନ୍ଦୁଝର, ସୁଶାନ୍ତମଣି ମହାନ୍ତିଙ୍କୁ ବରଗଡ଼ ଜିଲାକୁ ବଦଳି ହୋଇଛି।

# ଆଜିଠୁ ଅଟେଇରେ ଜଙ୍ଗଲ ସଫାରି

## ମା' ତାରିଣୀଙ୍କ ଦର୍ଶନ ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜାନେବେ ପର୍ଯ୍ୟଟକ

କେନ୍ଦୁଝର,୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର କେନ୍ଦୁଝର ଜିଲାର ସୌନ୍ଦର୍ଯ୍ୟ ଭରା ଜଳ ପ୍ରପାତ, ଜଙ୍ଗଲ, ଡ୍ୟାମ ପର୍ଯ୍ୟଟକ ତଥା ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ଜିଲା ପର୍ଯ୍ୟଟନ କ୍ଷେତ୍ରକୁ ବଢ଼ାଇବାକୁ ଘଟଗାଁ ରେଞ୍ଜ ଅନ୍ତର୍ଗତ ଅଟେଇ ସଂରକ୍ଷିତ ଜଙ୍ଗଲରେ ଆରମ୍ଭ ହେବାକୁ ଯାଉଛି ଜଙ୍ଗଲ ସଫାରୀ। ଜିଲାରେ ଏହା ପ୍ରଥମ ହୋଇଥିବା ବେଳେ ଜଙ୍ଗଲ ସଫାରୀ ପର୍ଯ୍ୟଟକଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବ। ବନ ବିଭାଗର ସ୍ୱତନ୍ତ୍ର ଗାଡ଼ିରେ ପର୍ଯ୍ୟଟକ ବୁଲି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜାନେବା ସହ ବନ୍ୟପ୍ରାଣୀଙ୍କୁ ପାଖରୁ ଦେଖିପାରିବେ। ଏହାକୁ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଗୁରୁବାର ସକାଳ ୯ଟାରେ ଉଦ୍‌ଘାଟନ କରିବେ ବୋଲି କେନ୍ଦୁଝର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ ବିଭାଗ ଏଭଳି ନୂତନ ପରିକଳ୍ପନା କରିଛି। ଉକ୍ତ ଜଙ୍ଗଲରେ ମହାବଳ ବାଘ ବିଚରଣ କରୁଥିବା ସିସିଟିଭି ଚିତ୍ର ସମସ୍ତଙ୍କୁ ଚକିତ କରିଥିଲା। ଏହା ଛଡ଼ା ସଂରକ୍ଷିତ ଜଙ୍ଗଲରେ ବହୁ ବିରଳ ପ୍ରଜାତିର ବନ୍ୟପ୍ରାଣୀ ଚଳପ୍ରଚଳ କରୁଥିବା ଟ୍ରାପ କ୍ୟାମେରାରେ ଉଠିବା ପରେ ଜଙ୍ଗଲ ଚର୍ଚ୍ଚାର ପାରିଧିକୁ ଆସିଥିଲା। ଏହା ପରେ ଜଙ୍ଗଲ ସଫାରୀର ସମ୍ଭାବନା ବଢ଼ିଥିଲା। ମହାବଳ ବାଘ ସନ୍ଧାନ ପରେ ସାଧାରଣ ଲୋକଙ୍କୁ ଜଙ୍ଗଲ ଭିତରକୁ ପ୍ରବେଶ ପାଇଁ କଟକଣା ରହିଛି। ଏଣୁ ସୁରକ୍ଷିତ ସ୍ୱତନ୍ତ୍ର


ଜଙ୍ଗଲ ସଫାରୀ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ଗାଡ଼ି।

ଗାଡ଼ିରେ ପର୍ଯ୍ୟଟକଙ୍କୁ ବୁଲାଇବା ପାଇଁ ବନ ବିଭାଗ ପକ୍ଷରୁ ଏଭଳି ନିଆରା ଉଦ୍ୟମ କରାଯାଇଛି। ଏଠାରେ ୱାଚ୍ ଟାୱାର, ମୟୂର ଭ୍ୟାଲି, ବନ୍ୟପ୍ରାଣୀଙ୍କୁ ବିଚରଣ କରୁଥିବାର ଦେଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଘଟଗାଁ ରେଞ୍ଜର ୪୦ କିଲୋମିଟର ବିସ୍ତୀର୍ଣ୍ଣ ଅଟେଇ ସଂରକ୍ଷିତ ଜଙ୍ଗଲରେ ଜଙ୍ଗଲସଫାରୀ ଗାଡ଼ିରେ ପରିଭ୍ରମଣର ମଜା ପର୍ଯ୍ୟଟକ ଉଠାଇବେ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ମା' ତାରିଣୀଙ୍କ ପୀଠରେ ସଫାରୀର ବୁକିଂ କାଉଣ୍ଟର ରହିବ। ସେଠାରେ ବୁକିଂ କରିବା ପରେ ଜଙ୍ଗଲ ସଫାରୀ ଗାଡ଼ିରେ ପର୍ଯ୍ୟଟକ ବୁଲି ଦେଖିବେ। ମୁର୍ଗାପାହାଡ଼ିଠାରୁ କଦାବାହାଳି ପର୍ଯ୍ୟନ୍ତ ୪୦ କି.ମି. ଦୂରତ୍ୱ ଜଙ୍ଗଲ ବୁଲିବାର ବ୍ୟବସ୍ଥା କରାଯାଇଛି। ବିଶେଷ କରି ବିଚରଣ କରୁଥିବା କୁଟୁରା, ହରିଣ, ବାରହା, ଭାଲୁ, ଆଦି ବନ୍ୟପ୍ରାଣୀଙ୍କୁ ଦେଖିବାର ପର୍ଯ୍ୟଟକ ସୁଯୋଗ ପାଇବେ। ଘଟଗାଁ ବ୍ଲକ୍‌ରେ ମା' ତାରିଣୀ ପୀଠ ସହିତ ଗୁଣ୍ଡିଚାଘାଗି ଜଳପ୍ରପାତ, ସିତବିଞ୍ଝି ଐତିହାସିକ ସ୍ଥଳୀ, ବାର୍‌ହା ଟିପୁରା ଧାର୍ମିକସ୍ଥଳ ସହିତ ଏହି ସଫାରୀ ଅନ୍ୟତମ ଆକର୍ଷଣୀୟ ସ୍ଥାନ ହୋଇ ପାରିବ। ପର୍ଯ୍ୟଟକ ଘଞ୍ଚ ଜଙ୍ଗଲର ମନଲୋଭା ଦୃଶ୍ୟ ଦେଖିବାର ମଜା ନେବେ ବୋଲି କେନ୍ଦୁଝର ଡିଏଫଓ ଧନ୍‌ରାଜ ଏଚ୍‌ଡି ମତ ପ୍ରକାଶ କରିଛନ୍ତି।

# ଡୁରୁମୁଙ୍ଗାକୁ ବ୍ଲକ୍ ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ଗଠିତ

ପାଟଣା,୧୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟଠାରୁ ୨୭ କି.ମି. ଦୂର ଜାତୀୟ ରାଜପଥ କଡ଼ରେ ଥିବା ଡୁରୁମୁଙ୍ଗାକୁ ଏକ ସ୍ୱତନ୍ତ୍ର ବ୍ଲକ୍ କରିବାକୁ ଦାବି ଜୋର ଧରିଛି। ଏ ନେଇ ଆଞ୍ଚଳିକ ବିକାଶ ପରିଷଦ ଗଠିତ ହୋଇଛି। ମଙ୍ଗଳବାର ଡୁରୁମୁଙ୍ଗାସ୍ଥିତ ଦଧିବାମନ ହାଇସ୍କୁଲ ପଡ଼ିଆରେ ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବୁଦ୍ଧିଜୀବୀ, ବ୍ୟବସାୟୀ ଡୁରୁମୁଙ୍ଗାକୁ ନୂତନ ବ୍ଲକ୍ ମାନ୍ୟତା ଦାବିରେ ଏକାଠି ହୋଇଥିଲେ।

ସୂଚନାଯୋଗ୍ୟ, ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାର ପାଟଣା ବ୍ଲକ୍ ୧୯୬୦ରେ ସ୍ଥାପିତ ହୋଇଥିଲା। ବିଗତ ୬୧ବର୍ଷ ମଧ୍ୟରେ ଏହାର ଜନସଂଖ୍ୟା ବୃଦ୍ଧିପାଇଛି। ସେତେବେଳେ ବ୍ଲକ୍ ୪୧ ହଜାର ୬୩୯.୬ ହେକ୍ଟର ପରିମିତ ଅଞ୍ଚଳ, ୨୦ ପଞ୍ଚାୟତ ଏବଂ ୧୫୪ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ହୋଇଥିଲା। ତେବେ ପାଟଣା ପଞ୍ଚାୟତ ସମିତି ଓ ତହସିଲଠାରୁ ଡୁରୁମୁଙ୍ଗା, ବୁଢୀକାପୁଡ଼ି, ଚେମେଣା ବାଉଁଶୁଳି ଖିରେଇ ଟାଙ୍ଗିରୀ ଆଦି ପଞ୍ଚାୟତ ପ୍ରାୟ ୩୦ କି.ମି.ରୁ ଊର୍ଦ୍ଧ୍ୱ ଦୂରତା ହୋଇଥିବାରୁ ପଞ୍ଚାୟତ ସମିତି ଓ ତହସିଲରରେ କାର୍ଯ୍ୟ ନିମନ୍ତେ ବ୍ଲକ୍ ସୀମାନ୍ତ ବର୍ତ୍ତି ଅଞ୍ଚଳର ଲୋକଙ୍କୁ ବାରମ୍ବାର ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ ବୋଲି ମତ ପ୍ରକାଶ ପାଇଛି। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କୈବଲ୍ୟ ଚରଣ ସାହୁ, ବଣିକ ସଂଘ ସଭାପତି ତାପସ ସାହୁ, ଅଶୋକ ସାହୁ, ଗୌତମ ସାହୁ, ପ୍ରଫୁଲ୍ଲ ବେହେରା, ବଳଭଦ୍ର ନାଏକଙ୍କ ସମେତ ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ନାଏକ, କୀର୍ତ୍ତନ ବିହାରୀ ସାହୁ, ରତିକାନ୍ତ ସାହୁ, ଅରୁଣ ସାହୁ, ଅଯୋଧା ପୃଷ୍ଟି, ରତି ରଞ୍ଜନ ପୃଷ୍ଟି, ତପନ ସାହୁଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ଲୋକେ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଡୁରୁମୁଙ୍ଗାରେ ନୂତନ ବ୍ଲକ ଗଠନ ପାଇଁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।




























See Career Appointment on every Wednesday & Saturday

